# ଓଡ଼ିଶାର ସାଧାରଣ ବଣ୍ଟନ ବ୍ୟବସ୍ଥାର ପୋର୍ଟାଲରେ ପାରଦର୍ଶିତାର ସ୍ଥିତି ଏବଂ କିଛି ସମାଧାନ


**ଦେବହୂତି ସରକାର // ସମୀତ ପଣ୍ଡା**

୯୫୮୨୮୫୯୮୮୬//sameetpanda@protonmail.com

୯୮୩୬୩୨୩୯୭୧// sarkardevahuti@gmail.com


ଭାରତରେ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ମାଧ୍ୟମରେ ୮୦.୯୭ କୋଟି ଲୋକଙ୍କୁ ଅର୍ଥାତ ୨୦କୋଟି ପରିବାରଙ୍କୁ ଖାଦ୍ୟ ଶସ୍ୟ ବଣ୍ଟନ କରାଯାଉଛି। ଏହି ବ୍ୟବସ୍ଥା ଚଳେଇବା ପାଇଁ ଅନେକ ଆର୍ଥିକ ବ୍ୟୟ ବ୍ୟତିରେକେ ବଡ଼ ପ୍ରଶାସନିକତନ୍ତ୍ର ଏବଂ ଅନ୍ୟାନ୍ୟ ବ୍ୟବସ୍ଥାର ଆବଶ୍ୟକତା ପଡ଼ିଥାଏ। ପିଡିଏସ୍‌ର ଆରମ୍ଭ ପରଠାରୁ ରାସନ ଲିକେଜ ଏବଂ ଚୋରି ହେଉଥିବାର ଆଶଙ୍କା ରହିଆସିଛି, ଯାହାର ଆକଳନ କରିବା ପାଇଁ ସରକାରୀ ସ୍ତରରେ ଅନେକ ମୂଲ୍ୟାଙ୍କନ କରାଯାଇଛି, ସେଥି ମଧ୍ୟରୁ ୨୦୦୫ମସିହାର ଯୋଜନା ଆୟୋଗ ଏବଂ ୨୦୦୬ ମସିହାର ନ୍ୟାୟାଧୀଶ ୱାଧୱା କମିଟି ଦ୍ୱାରା ହୋଇଥିବା ମୂଲ୍ୟାୟନ ଅନ୍ୟତମ। ଏହି ରିପୋର୍ଟଗୁଡ଼ିକ ପାରଦର୍ଶିତା ବୃଦ୍ଧି ଏବଂ ଦୁର୍ନୀତି କମାଇବା ପାଇଁ ପିଡିଏସ୍‌ର ଡିଜିଟାଲିକରଣ ପାଇଁ ସୁପାରିଶ କରିଥିଲେ। ଯଦିଓ ପ୍ରକୃତ ପାରଦର୍ଶିତା ଅର୍ଥ, ସାର୍ବଜନିକ ଡୋମେନ ରେ ତଥ୍ୟ ପ୍ରଦାନରୁ ବହୁତ ଅଧିକ ଅଟେ, ଆମେ ଏହି ଲେଖାରେ ଓଡ଼ିଶା ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର ଦୁଇଟି ପୋର୍ଟାଲକୁ ବିଶ୍ଳେଷଣ କରିଛୁ। ଏହି ବିଶ୍ଳେଷଣରେ ଆମେ ପୋର୍ଟାଲର ଡିଜାଇନ୍, ତଥ୍ୟର ଉପଲବ୍ଧତା ଏବଂ ତଥ୍ୟ ସେଥିରୁ ପାଇବା କେତେ ସହଜ କରାଯାଇଛି ସେ ମଧ୍ୟରେ ସୀମିତ ରଖିଛୁ।

ଉତ୍ତରଦାୟିତ୍ୱତା ପାଇଁ ପାରଦର୍ଶିତା ନିହାତି ଜରୁରୀ, ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ପରି ଗୁରୁତ୍ୱପୂର୍ଣ୍ଣ ସାମାଜିକ ସୁରକ୍ଷା ବ୍ୟବସ୍ଥା ଯେଉଁଥିରେ କୋଟି କୋଟି ହିତାଧିକାରୀ ଏବଂ ବ୍ୟବସ୍ଥା ମଧ୍ୟରେ ଡିଜିଟାଲ ଆଦାନ ପ୍ରଦାନ ହୋଇଥାଏ, ସେଥିରୁ ଉତ୍ପନ୍ନ ହେଉଥିବା ତଥ୍ୟକୁ ସର୍ବସାଧାରଣ ୱେବସାଇଟରେ ଯଦି ରଖିବାର ଆମ ପାଖରେ ଆବଶ୍ୟକ ଟେକ୍ନୋଲୋଜି ରହିଛି, ତେବେ ଏହାକୁ ସାଧାରଣ କରିବାର ନିହାତି ଆବଶ୍ୟକତା ରହିଅଛି। ଏଭଳି ସୂଚନା ସରକାରୀ ପୋର୍ଟାଲ ମାଧ୍ୟମରେ ସାଧାରଣ କରାଯିବା ଦ୍ୱାରା ଏହାକୁ ବ୍ୟବହାର କରି ହିତାଧିକାରୀ, ସାମାଜିକ ସଂଗଠନ ଏବଂ ବିଭିନ୍ନ ଜନଆନ୍ଦୋଳନ ସାର୍ବଜନୀନ ମୂଲ୍ୟାଙ୍କନ କରିପାରିଛନ୍ତି, ଯାହା ପରବର୍ତ୍ତୀ ସମୟରେ ବିଭିନ୍ନ ଅସୁବିଧାକୁ ଚିହ୍ନଟ କରି ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ମଜଭୁତ କରିବାରେ ସହାୟକ ହୋଇଅଛି।

ଯେତେବେଳେ ପିଡ଼ିଏସ୍‌ରେ ସ୍ୱଚ୍ଛତା ବିଷୟ ଆସେ, ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ ୨୦୧୩ (NFSA ୨୦୧୩)ର ଧାରା ୧୨(୨)(b)ରେ ଉଲ୍ଲେଖ ରହିଛି ଯେ "ସମସ୍ତ ସ୍ତରରେ ହେଉଥିବା କାରବାରର ସ୍ୱଚ୍ଛରେକର୍ଡିଂ ସୁନିଶ୍ଚିତ କରିବାପାଇଁ ଏବଂ ବେଆଇନ ବିକ୍ରି ରୋକିବା ପାଇଁ ଏଣ୍ଡ-ଟୁ-ଏଣ୍ଡ କମ୍ପ୍ୟୁଟରାଇଜେସନ୍ ସହିତ ସୂଚନା ଏବଂ ପ୍ରଯୁକ୍ତି ସାଧନର ବ୍ୟବହାର ଦ୍ୱାରା ପାରଦର୍ଶିତା ବଢ଼ାଇବା ଅନ୍ୟପକ୍ଷେ ଧାରା ୧୨(୨) (ୟ)ଅଧୀନରେ ରେକର୍ଡଗୁଡ଼ିକର ସମ୍ପୂର୍ଣ୍ଣ ପାରଦର୍ଶିତା ନିଶ୍ଚିତ କରାଯିବା ପାଇଁ କୁହାଯାଇଛି। ଏହାଛଡ଼ା, ଏଇ ଅଧିନିୟମର ଧାରା ୨୭ରେ ସମସ୍ତ ପିଡିଏସ୍ ରେକର୍ଡଗୁଡ଼ିକୁ ଜନସାଧାରଣଙ୍କ ପାଇଁ ଉପଲବ୍ଧ କରିବାକୁ କୁହାଯାଇଛି। ଅତିରିକ୍ତ ଭାବରେ, ସୂଚନା ଅଧିକାର ଆଇନର ଧାରା ୪ (୧) (କ) ଅନୁଯାୟୀ ସ୍ୱେଚ୍ଛାକୃତ ଭାବରେ ସୂଚନା ପ୍ରକାଶ ବାଧ୍ୟତାମୂଳକ ଅଟେ। ଏଥିପାଇଁ ଭାରତ ସରକାରଙ୍କ ସାଧାରଣ ବଣ୍ଟନ ବିଭାଗ ଏକ ୱେବ୍‌ପୋର୍ଟାଲ୍ ନମୁନା (ଟେମ୍ପଲେଟ୍) ପ୍ରସ୍ତୁତ କରିଛନ୍ତି।

ଓଡ଼ିଶା ସାର୍ବଜନୀନ ବଣ୍ଟନବ୍ୟବସ୍ଥାର ପୋର୍ଟାଲରେ କେତେ ପରିମାଣରେ ପାରଦର୍ଶୀର ମୂଳ ଭାବନା ଅନୁସରଣ କରୁଛି, ତାହା ବୁଝିବା ପାଇଁ ଆମେ ଦୁଇଟି ପୋର୍ଟାଲ ଯଥା (https://pdsodisha.gov.in/) ଏବଂ(http://www.foododisha.in/index )କୁ ଅନୁଧ୍ୟାନ କଲୁ, ଯାହାକି ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଏବଂ ଉପଭୋକ୍ତା କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ। ଦୁଇଟି ପୋର୍ଟାଲକୁ ତୁଳନା କରିବାପାଇଁ ଆମେ ମୁଖ୍ୟତଃ ଦୁଇଟି ମାପ ଦଣ୍ଡଉପରେ ଧ୍ୟାନ ଦେଇଛୁ - ଲିଙ୍କ୍ କେତେ ଭଲରେ କାମ କରୁଛି ଏବଂ କେତେ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଛି।

ଲିଙ୍କଗୁଡ଼ିକର କାର୍ଯ୍ୟକାରିତା: (http://www.foododisha.in/index) ୱେବସାଇଟରେ 'ଅନଲାଇନ୍ ସେବା' ଅନ୍ତର୍ଗତ ଏକ ପାରଦର୍ଶିତା ପୋର୍ଟାଲ୍ ରହିଛି, କିନ୍ତୁ ଏଥିର ଅଧିକାଂଶ ଲିଙ୍କ କାର୍ଯ୍ୟକ୍ଷମ ନୁହେଁ। ଅନ୍ୟପକ୍ଷରେ, 'ସିଟିଜେନ ସେବା(ନାଗରିକ ସେବା)'ଲିଙ୍କଗୁଡ଼ିକ ଅଧିକ ବ୍ୟବସ୍ଥିତ ଓ ବ୍ୟବହାରିକ। ଏଠାରେ ନୂତନ କାର୍ଡପାଇଁ ଆବେଦନ କରିବା, ସଦସ୍ୟ ଯୋଡ଼ିବା, ସଦସ୍ୟ କାଟିବା, ରାସନକାର୍ଡ ଡାଉନଲୋଡ୍ କରିବା ଏବଂ ଏକ ସଦସ୍ୟ କିମ୍ବା ପରିବାରର ସ୍ଥାନାନ୍ତର କରିବାର ବିକଳ୍ପଗୁଡ଼ିକ ଉପଲବ୍ଧ ଅଛି। (https://pdsodisha.gov.in/) ଅନ୍ତର୍ଗତ ଏକମାତ୍ର କାମ କରୁଥିବା ଲିଙ୍କ୍ ହେଉଛି 'ଷ୍ଟକ ପୋଜିସନ୍ (Stock Position),' ଯାହା ସପ୍ଲାୟ ଚେନ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ (SCMS)କୁ ନେଇଯାଏ, ଯେଉଁଥିରେ ଜାତୀୟ ଖାଦ୍ୟସୁରକ୍ଷା ଆଇନ (ଏନଏଫଏସଏ) ଅନ୍ତର୍ଗତ ଜିଲ୍ଲା-ୱାରୀଶସ୍ୟର ଷ୍ଟକ ସମ୍ପର୍କିତ ତଥ୍ୟ ଦର୍ଶାଇଥାଏ। (https://pdsodisha.gov.in/) ୱେବସାଇଟରେ ବିଭିନ୍ନ ବିକଳ୍ପ ଲିଙ୍କ ପ୍ରଦାନ କରାଯାଇଛି ଯଥା

ଏନଏଫଏସଏ ଅନ୍ତର୍ଗତ କାର୍ଡ ଓ ହିତାଧିକାରୀ, ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆବଣ୍ଟନ ବ୍ୟବସ୍ଥା ଇତ୍ୟାଦି। କିନ୍ତୁ ଖାଲି ଏନଏଫଏସଏକାର୍ଡ ଓ ହିତାଧିକାରୀଙ୍କୁ ଛାଡିଦେଲେ ଅଧିକାଂଶ ଲିଙ୍କ ନିଷ୍କ୍ରିୟ କିମ୍ବା ଅଣ-ପ୍ରତିକ୍ରିୟାଶୀଳ ଅବସ୍ଥାରେ ରହିଛି।

ବିସ୍ତୃତ ତଥ୍ୟର ଉପଲବ୍ଧତା:

ଇଚ୍ଛୁକ ବ୍ୟକ୍ତି ଏବଂ ହିତାଧିକାରୀ ଓଡ଼ିଶାର ରାସନକାର୍ଡ ସମ୍ବନ୍ଧୀୟ କିଛି ମୌଳିକ ସୂଚନାପାଇ ପାରିବେ ଯଥା ସଦସ୍ୟଙ୍କ ସଂଖ୍ୟା, ସେମାନଙ୍କର ନାମ ଏବଂ ରାସନ ବ୍ୟବସ୍ଥା ଅନ୍ତର୍ଗତ ଅଧିକାର ଇତ୍ୟାଦି,କିନ୍ତୁ ବିସ୍ତୃତ ଜନସଂଖ୍ୟାମୂଳକ ସୂଚନା, ଆଧାର ସିଡିଙ୍ଗ୍ ସ୍ଥିତି ଏବଂ ମୋବାଇଲ୍ ସଂଖ୍ୟା ଲିଙ୍କ୍‌ର ସୂଚନା ଇତ୍ୟାଦି ଉପଲବ୍ଧ ନାହିଁ। ଏହା ଜରୁରୀ ସୂଚନା କାରଣ ବାୟୋମେଟ୍ରିକ୍ ଚିହ୍ନଟକରଣ ମାଧ୍ୟମରେ ରାସନ ଉଠାଇବାକୁ, ଜଣେ ବ୍ୟକ୍ତିଙ୍କ ପାଇଁ ଆଧାର ସଂଯୋଗ ବାଧ୍ୟତାମୂଳକ ଅଟେ। ଯେହେତୁ କେନ୍ଦ୍ର ସରକାର E-KYC ବାଧ୍ୟତାମୂଳକ କରିଛନ୍ତି, ଏହି ସୂଚନା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ଏହାଛଡ଼ା, ରାସନ କାର୍ଡ ନମ୍ବର ବ୍ୟବହାର କରି ରାସନ କାର୍ଡ ସମ୍ବନ୍ଧୀୟ ସବିଶେଷ ବିବରଣୀ ପାଇବାର କୌଣସି ବିକଳ୍ପ ନାହିଁ। ରାସନକାର୍ଡର ତଥ୍ୟ ପାଇବାକୁ ହେଲେ ଜଣକୁ ଜିଲ୍ଲା, ବ୍ଲକ, ଏବଂ ରାସନ ଦୋକାନର ସୂଚନା ପୋର୍ଟାଲରେ ପୂରଣ କରିବାକୁ ପଡିବ। ଏହା ପୋର୍ଟାଲ ସାଧାରଣ ଉପଯୋଗୀ ନକରି ଅପାରଦର୍ଶୀ କରୁଛି।

***ଓଡ଼ିଶା ପାଇଁ ସୁପାରିଶ***

ପୋର୍ଟାଲ ବ୍ୟବହାରୀଙ୍କ ଅଭିଜ୍ଞତାକୁ ଉନ୍ନତ କରିବାପାଇଁ ଅଣ-କାର୍ଯ୍ୟକ୍ଷମ ଲିଙ୍କଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବା ଆବଶ୍ୟକ। ଥରେ ଲିଙ୍କଗୁଡ଼ିକ କାର୍ଯ୍ୟକ୍ଷମ କରାଗଲା ପରେ ସେହି ସମ୍ବନ୍ଧୀୟ ସୂଚନାଗୁଡ଼ିକ ନିୟମିତ ଭାବରେ ପୋର୍ଟାଲରେ ଅପଲୋଡ୍ କରାଯିବା ଆବଶ୍ୟକ। ଏହାକୁ ବ୍ୟବହାରିକ କରିବାପାଇଁ ଯେଉଁ ସବୁ ସୂଚନାର ପୋର୍ଟାଲରେ ପ୍ରଦାନ କରାଯିବା ଆବଶ୍ୟକ ତାହା ନିମ୍ନରେ ଆମେ ପ୍ରଦାନ କରିଛୁ।

୧.ରାସନ କାର୍ଡ ନମ୍ବର ଦ୍ୱାରା ସିଧାସଳଖ ସୂଚନା ଖୋଜିବା ବ୍ୟବସ୍ଥା: ବ୍ୟକ୍ତିଗତ ବିବରଣୀ କିମ୍ବା ଓଟିପି ପ୍ରଦାନ ବିନା କେବଳ ରାସନ କାର୍ଡ ନମ୍ବର ଦେଇ କାର୍ଡ ସମ୍ବନ୍ଧୀୟ ସୂଚନା ଖୋଜିବାର ସୁବିଧା ପ୍ରଦାନ କରାଯିବା ଆବଶ୍ୟକ।

୨. ରାସନ କାର୍ଡରେ ବିସ୍ତୃତ ସୂଚନା: ରାସନ କାର୍ଡରେ ଆଧାର ସିଡ଼ିଙ୍ଗ, ମୋବାଇଲ୍ ନମ୍ବର ଲିଙ୍କର ସ୍ଥିତି, ଏବଂ ତାରିଖ ଓ ସମୟ ଷ୍ଟାମ୍ପ ସହିତ ରାସନ କାରବାରର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ଉଚିତ। ରାସନ କାର୍ଡରେ ସଂଯୋଗ ହୋଇଥିବା ଆଧାର ନମ୍ବରର ଶେଷ ଦୁଇ ଅଙ୍କ ପ୍ରଦର୍ଶନ କରିବାର ଆବଶ୍ୟକତା ରହିଅଛି କାରଣ ଭୁଲ ଆଧାର ସିଡ଼ିଙ୍ଗ ହେବା ଦ୍ୱାରା ଅନେକ ହିତାଧିକାରୀ ହଇରାଣ ହେବାର ଦେଖାଯାଇଛି। ସେହିଭଳି, ମୋବାଇଲ୍ ନମ୍ବରର ଶେଷ ୪ଅଙ୍କ ପ୍ରଦର୍ଶନ କରିବା ଉପଯୋଗୀ ଅଟେ କାରଣ ବହୁତ ସମୟରେ ପୁରୁଣା ଏବଂ ହଜିଯାଇଥିବା ମୋବାଇଲ୍ ନମ୍ବର ଗୁଡିକ ରାସନ କାର୍ଡ ସହିତ ସଂଯୋଗ ହେଇ କି ରହିଯାଇଥାଏ ଯାହାକି ହିତାଧିକାରୀ ଜାଣିପାରନ୍ତି ନାହିଁ।

୩. ମାସୱାରୀ ରାସନ କାରବାରର ସମ୍ପୂର୍ଣ୍ଣ ବିବରଣୀ: ରାସନ ଉଠାଇବାର ମାଧ୍ୟମ, ପରିମାଣ ଏବଂ ରାସନ ଉଠାଇବା ସମୟ ସମ୍ବନ୍ଧୀୟ ବିସ୍ତୃତ ସୂଚନା ପ୍ରଦାନ କରିଯିବା ଆବଶ୍ୟକ। ଏହି ବିବରଣୀ ପ୍ରମାଣିତ କରିବ ଯେ ରାସନ ନିୟମିତ ଭାବେ ହିତାଧିକାରୀଦ୍ୱାରା ଉଠାଯାଉଛି।

୪. ଡିଲର ସମ୍ବନ୍ଧୀୟ ସୂଚନା: ଡିଲରମାନଙ୍କ ସ୍ଥିତି ଯଥା ସେ ଅନଲାଇନ୍ କିମ୍ବା ଅଫଲାଇନ୍ ଡିଲର, ଯଦି ଡିଲର ନିଲମ୍ବିତ ହୋଇଥିଲେ ସେ ବିଷୟରେ ତଥ୍ୟ ପ୍ରଦର୍ଶନ କରାଯିବା ଆବଶ୍ୟକ। ଯଦି ଜଣେ ଡିଲର ନିଲମ୍ବିତ ହୁଅନ୍ତି, ସେତେବେଳେ ରାସର କାର୍ଡଧାରୀଙ୍କୁ ଅନ୍ୟ ଏକ ଡିଲରଙ୍କ ସହିତ ଯୋଡ଼ା ଯାଏ, ଯିଏ ସେମାନଙ୍କ ଖାଦ୍ୟଶସ୍ୟର ଷ୍ଟକ୍ ଗ୍ରହଣ କରନ୍ତି। ଏହି ସୂଚନା ପ୍ରଦାନ କରାଯିବ ଦ୍ୱାରା ରାସନ କାର୍ଡଧାରୀ ଅନୌପଚାରିକ ମାଧ୍ୟମରେ ନିର୍ଭର ନକରି ନିଜ ଡିଲରଙ୍କ ସଠିକ ସ୍ଥିତି ଜାଣିପାରିବେ।

୫. ଆବଣ୍ଟନ ଏବଂ ବିତରଣର ସୂଚନା: ରାସନ ପ୍ରାପ୍ତିର ଟାଇମ୍ ଷ୍ଟାମ୍ପ ସହିତ ଡିଲର-ୱାରୀ ଏବଂ ଜିଲ୍ଲା/ବ୍ଲକ୍-ୱାରୀଆବଣ୍ଟନର ବିବରଣୀ ଦିଆଯିବା ଆବଶ୍ୟକ। ଯଦି ଡିଲର ବ୍ଲକ୍ ଗୋଦାମରୁ ରାସନ ଆସିବାରେ ବିଳମ୍ବ/ନ ମିଳିବା ନେଇ ଦାବି କରିଥାନ୍ତି ତେବେ ଅନଲାଇନ୍ ଟାଇମ୍‌ଷ୍ଟାମ୍ପ ମାଧ୍ୟମରେ ଖାଦ୍ୟଶସ୍ୟର ଗତିବିଧି ଯାଞ୍ଚ କରିବାରେ ସାହାଯ୍ୟ ହୋଇପାରିବ।

ଶେଷ:

ଆମେ ଏହି ଲେଖାରେ କହିବାକୁ ଚେଷ୍ଟା କରିଛୁ କି ସାଧାରଣ ବଣ୍ଟନ ବ୍ୟବସ୍ଥା ଭଳି ଯୋଜନାରେ ପାରଦର୍ଶିତା ଏବଂ ଉତ୍ତରଦାୟିତ୍ୱତା ଗୁରୁତ୍ୱ ରହିଅଛି କିନ୍ତୁ ଏକ ପାରଦର୍ଶୀ ପୋର୍ଟାଲ କରିବାର ଆଉ ଦୁଇଟା ଲାଭ ମଧ୍ୟ ରହିଅଛି। ପ୍ରଥମ, ସୂଚନାକୁ ଜନସାଧାରଣଙ୍କ ନିକଟରେ ଉପଲବ୍ଧ କରାଯିବାର ଦ୍ୱାରା ସରକାରଙ୍କ ଯାଞ୍ଚ ଏବଂ ଗଠନମୂଳକ ମତାମତକୁ ଆମନ୍ତ୍ରଣ ପାଇଁ ଇଚ୍ଛୁକ ଦର୍ଶାଇଥାଏ। ଦ୍ୱିତୀୟତଃ, ଅଭିଯୋଗର ସଫଳ ସମାଧାନ ପାଇଁ ବିସ୍ତୃତ ସୂଚନାର ଉପଲବ୍ଧତା ଉପରେ ନିର୍ଭରକରେ। ଯେତେବେଳେ ହିତାଧିକାରୀମାନେ ସେମାନଙ୍କର ଅଧିକାର ଏବଂ ଯୋଜନାକୁ ଠିକ ଭାବରେ ବୁଝିପାରନ୍ତି, ସେତେବେଳେ ସେମାନେ ନିଜ ସମସ୍ୟା ର ସମାଧାନ ପାଇଁ ଅଭିଯୋଗ ଉଠାଇବାପାଇଁ ସକ୍ଷମ ହୁଅନ୍ତି। ନିଜ ପୋର୍ଟାଲ ଗୁଡିକୁ ପାରଦର୍ଶୀ ଏବଂ ଲୋକଙ୍କ ପାଇଁ ବ୍ୟବହାର ଉପଯୋଗୀ କରିବା ପାଇଁ ଓଡ଼ିଶା ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ବିଭିନ୍ନ ରାଜ୍ୟର ପୋର୍ଟାଲଗୁଡ଼ିକର ଅନୁଧ୍ୟାନ କରି ଏହାକୁ ଉନ୍ନତ କରିବେ।

( ଲେଖକମାନେ ଲିବଟେକ୍ ଇଣ୍ଡିଆ ସହିତ କାମ କରନ୍ତି। ଏହି ଲେଖାଟି ଲେଖକ ଦ୍ୱୟଙ୍କ ନିଜସ୍ୱ ମତ।)

■